## ସଂକ୍ଷେପରେ

### ଗଣ୍ଡଗୋଳ ଅଭିଯୋଗର ରଫାଦଫା

ଅନୁଗୋଳ ଅଫିସ୍, ୩୦।୧- ଅନୁଗୋଳ ପଞ୍ଚମହଲା ନିକଟ ଏକ ଢାବାରେ ଗତ ମଙ୍ଗଳବାର ସନ୍ଧ୍ୟାରେ ୨ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏ ନେଇ ଅନୁଗୋଳ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗ ଆଧାରରେ ମାମଲା କରି ନ ଥିଲେ ବି ଢାବା ମାଲିକଙ୍କୁ ଡାକି ଘଟଣା ସମ୍ପର୍କରେ ପଚାରି ବୁଝିଥିଲା। କିନ୍ତୁ ୨ ଦିନ ପର୍ଯ୍ୟନ୍ତ ଅଭିଯୋଗ ପକାଇ ରଖିବା ପରେ ଗୁରୁବାର ତାହାକୁ ରଫାଦଫା କରିଦିଆଯାଇଥିବା ଚର୍ଚ୍ଚା ହେଉଛି। ଏ ନେଇ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି, ଅଭିଯୋଗ ଆଧାରରେ ମାମଲା ହେବା କଥା। କିନ୍ତୁ ସେ ଏକ କାର୍ଯ୍ୟରେ ହାଇକୋର୍ଟକୁ ଯାଇଥିବାରୁ ଘଟଣା ନେଇ ଜାଣି ନ ଥିବା ପ୍ରକାଶ କରିଛନ୍ତି।

### ଢାବା କର୍ମଚାରୀଙ୍କ ମୃତଦେହ ଉଦ୍ଧାର

ତାଳଚେର,୩୦।୧(ନି.ପ୍ର.)- ତାଳଚେର ବ୍ଲକ କଳମଛୁଇଁ ଗ୍ରାମସ୍ଥିତ ଏକ ଢାବା ପଛ ପାଖ କୂଅରୁ ଗୁରୁବାର ଗୋପାଳପ୍ରସାଦ ଫାଣ୍ଡି ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ତାଙ୍କ ନାମ ଶ୍ରୀକାନ୍ତ ମହାରଣା (୨୫) ଓ ଘର ବନ୍ତଳା ଥାନା ହମାମିରା ଗ୍ରାମରେ। ଶ୍ରୀକାନ୍ତ ଗତ ୭/୮ବର୍ଷ ହେଲା ଏହି ଢାବାରେ କାମ କରୁଥିଲେ। ତାଙ୍କ ମୃତଦେହ କୂଅରେ ଭାସୁଥିବା ଦେଖି ସ୍ଥାନୀୟ ଲୋକମାନେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିବା ସହିତ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଥିଲା। ବୁଧବାର ପାଣି ପାଇଁ ଯାଇଥିବା ବେଳେ ଶ୍ରୀକାନ୍ତ କୂଅ ଭିତରକୁ ଖସି ପଡିଥିବା ପୋଲିସ ଅନୁମାନ କରୁଛି। ଏ ସଂକ୍ରାନ୍ତରେ ତାଳଚେର ଥାନାରେ ନଂ. ୪/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

### ଜିଲା ଉତ୍କଳ ସମ୍ମିଳନୀର ଶୋକ

ଅନୁଗୋଳ ଅଫିସ୍, ୩୦।୧- ଅନୁଗୋଳ ଜିଲା ଉତ୍କଳ ସମ୍ମିଳନୀର ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ପରିଡ଼ାଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ଜିଲାର ଯୋରନ୍ଦା ନିକଟବର୍ତ୍ତୀ ଦଧିସିଁହ ଗ୍ରାମରେ ଜନ୍ମିତ ପରିଡ଼ା ଶିକ୍ଷକତା ସହ ଅନେକ ସାମାଜିକ, ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ତାଙ୍କ ବିୟୋଗ ଏକ ଅପୂରଣୀୟ କ୍ଷତି ବୋଲି ଉତ୍କଳ ସମ୍ମିଳନୀର ଅନୁଗୋଳ-ସମ୍ବଲପୁର ସଭାପତି ପ୍ରଫେସର ମୀନକେତନ ପୁରୋହିତ, ସମ୍ପାଦକ ଧନେଶ୍ୱର ସାହୁ, ଅଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, ଶ୍ରୀକାନ୍ତ କୁମାର ସାହୁ, ନାରାୟଣ ଦାସ, ସଦାନନ୍ଦ ପ୍ରଧାନ ପ୍ରମୁଖ ମତବ୍ୟକ୍ତ କରିଛନ୍ତି। ଏଥିସହ ଶୋକସନ୍ତପ୍ତ ପରିବାର ପ୍ରତି ଅନୁଷ୍ଠାନ ପକ୍ଷରୁ ସମବେଦନା ପ୍ରକାଶ କରାଯାଇଛି।

### ବିଷ ପିଇ ବୃଦ୍ଧ ମୃତ

ଅନୁଗୋଳ ସହର, ୩୦।୧- ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଗୁରୁଜାଙ୍ଗୁଲି ଗ୍ରାମର ରଘୁ ସାହୁ(୮୦)ଙ୍କ ବିଷ ପିଇ ବୁଧବାର ମୃତ୍ୟୁ ଘଟିଥିବା ଜଣାପଡିଛି। ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଗୁରୁବାର ସକାଳେ ମୃତଦେହ ବ୍ୟବଚ୍ଛେଦ କରାଇଛି।

### ବିଦ୍ୟୁତ ଆଘାତରେ ଛାତ୍ର ଗୁରୁତର

ଅନୁଗୋଳ ସହର, ୩୦।୧- ଅନୁଗୋଳ ଜିଲା ଜରପଡ଼ା ଥାନା ଓଗୀ ଗ୍ରାମରେ ଗୁରୁବାର ବିଦ୍ୟୁତ ଆଘାତ ଯୋଗୁ ଜଣେ ଦ୍ୱିତୀୟ ଶ୍ରେଣୀର ଛାତ୍ର ଅରବିନ୍ଦ ମହାପାତ୍ର(୭) ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘର ପାଖରେ ଏକ ନଡ଼ିଆ ଗଛ ପାଖକୁ ଯିବା ସମୟରେ ସେ ବିଦ୍ୟୁତ ସଂସ୍ପର୍ଶରେ ଆସିଥିବା ପରିବାର ଲୋକେ କହିଛନ୍ତି।

### ଯୁବକଙ୍କୁ ଛୁରା ମାଡ଼ ଘଟଣା, ୩ କୋର୍ଟଚାଲାଣ

ବଇଣ୍ଡା,୩୦।୧(ଡି.ଏନ.ଏ.)-ହଣ୍ଡପା ଥାନା ବଇଶିଣା ଗ୍ରାମରେ ମଙ୍ଗଳବାର ରାତିରେ ବଡ଼ହୁଲା, ଦାଦରସାହି ଗ୍ରାମର ଅଜିତ୍ ଗୋଚ୍ଛାୟତଙ୍କୁ ଛୁରା ମାଡ଼ ଘଟଣାରେ ଗୁରୁବାର ହଣ୍ଡପା ପୋଲିସ ବଇଶିଣା ଗ୍ରାମର ନିରଞ୍ଜନ ବେହେରା, ରଞ୍ଜିତ ବେହେରା, ନୀଳମଣି ବେହେରାଙ୍କୁ ଗିରଫ କରି ଆଠମଲ୍ଲିକ କୋର୍ଟଚାଲାଣ କରିଛି। ପ୍ରେମ ବ୍ୟାପାରକୁ ନେଇ ଅଜିତ୍‌ଙ୍କୁ ଛୁରା ମାଡ଼ ହୋଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ନଂ. ୧୭/୨୦ରେ ମାମଲା ରୁଜୁ ହୋଇଥିଲା।

# ତଦନ୍ତକାରୀ ଏସ୍ଆଇ ନିଲମ୍ବିତ

**ଅନୁଗୋଳ ଅଫିସ୍, ୩୦।୧**

- ୩୦ ମିନିଟରେ ଅଭିଯୁକ୍ତଙ୍କୁ ବେଲ୍ ମିଳିବା ଘଟଣା
- କୋର୍ଟଙ୍କୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସମ୍ପର୍କରେ ଅବଗତ କରି ନ ଥିଲେ
- ଆଇଜିଙ୍କ ନିର୍ଦ୍ଦେଶ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଏସ୍‌ପି

ଅନୁଗୋଳ ଥାନା ଲିଙ୍ଗରାଯୋଡ଼ିର ବାପି ଓରଫ୍ ସତ୍ୟଜିତ୍ ପ୍ରଧାନ(୩୩)ଙ୍କଠାରୁ ୩ ବନ୍ଧୁକ ଓ ୯ ଜୀବନ୍ତ ଗୁଳି ଜବତ କରାଯିବା ମାମଲାର ଠିକ୍ ଭାବେ ତଦନ୍ତ କରି ନ ଥିବାରୁ ତଦନ୍ତକାରୀ ଅଧିକାରୀ ଅନୁଗୋଳ ଥାନା ଏସ୍ଆଇ ଅରକ୍ଷିତ ସେଠୀଙ୍କୁ ଗୁରୁବାର କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ମାମଲା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ କୋର୍ଟଙ୍କୁ ଦିଆଯାଇ ନ ଥିବାରୁ ଗିରଫ ହେବାର ମାତ୍ର ୩୦ ମିନିଟ୍ ମଧ୍ୟରେ ଅଭିଯୁକ୍ତ ବାପିଙ୍କୁ ବେଲ୍ ମିଳିଯାଇଥିବା ନେଇ ସାଧାରଣରେ ଜୋରଦାର ଚର୍ଚ୍ଚା ହେବା ପରେ ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଲ ଓ ଏସ୍‌ପି ଜଗମୋହନ ମୀନା ବୁଧବାର ରାତିରେ ଥାନାରେ ପହଞ୍ଚି ମାମଲାର ଯାଞ୍ଚ କରିଥିଲେ। ଅଭିଯୁକ୍ତଙ୍କ ପ୍ରତି କୋହଳ ମନୋଭାବ ଦେଖାଯାଇଥିବା ଜଣାପଡ଼ିବା ପରେ ଆଇଜିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ପି ମୀନା ସମ୍ପୃକ୍ତ ଏସ୍ଆଇ ସେଠୀଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଛେଳିଆପଡ଼ାରେ ଥିବା ରିଜର୍ଭ କାର୍ଯ୍ୟାଳୟରେ ପ୍ରତିଦିନ ରିପୋର୍ଟ କରିବାକୁ ସେଠୀଙ୍କୁ ଏସ୍‌ପି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଅଭିଯୁକ୍ତ ବାପିଙ୍କୁ ପୋଲିସ ଗତ ରବିବାରଠାରୁ ଉଠାଇ ଆଣିଥିଲେ ହେଁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ କୋର୍ଟଚାଲାଣର ମାତ୍ର ୩୦ ମିନିଟ୍ ମଧ୍ୟରେ ତାଙ୍କୁ ଜାମିନ ମିଳିଯିବାରୁ ପୋଲିସର ତଦନ୍ତ ପ୍ରକ୍ରିୟାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଥିଲା। ଏପରି


ନିଲମ୍ବିତ ଏସ୍ଆଇ ଅରକ୍ଷିତ ସେଠୀ

କି ଅଭିଯୁକ୍ତଙ୍କୁ ୩ ଦିନ ଧରି ଥାନାରେ ରଖାଯାଇ ମାମଲା ରଫାଦଫା ପାଇଁ ଉଦ୍ୟମ କରାଯାଇଥିବା ନେଇ ଚର୍ଚ୍ଚା ବି ଜୋର୍ ଧରିଥିଲା। ଅନୁଗୋଳ ପୋଲିସର ଭାବମୂର୍ତ୍ତି ଉପରେ ଏହି ମାମଲା ପ୍ରଶ୍ନବାଚୀ ସୃଷ୍ଟି କରିଥିବାରୁ ବୁଧବାର ରାତିରେ ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି ଭୋଲ ଓ ଏସ୍‌ପି ମୀନା ଥାନାରେ ପହଞ୍ଚି ଏକ ଘଣ୍ଟା ଧରି କୋର୍ଟଙ୍କୁ ପ୍ରଦାନ କରାଯାଇଥିବା ରେକର୍ଡ ଅନୁଧ୍ୟାନ କରିଥିଲେ। ରେକର୍ଡର ଏକ ସ୍ଥାନରେ କିଛି ତଥ୍ୟ ଲେଖା ହୋଇ ନ ଥିବା ଆଇଜି ଓ ଏସ୍‌ପି ଦେଖିବାକୁ ପାଇଥିଲେ। ଏହାପରେ ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଇଜି ଅନୁଗୋଳ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ଏହି କାର୍ଯ୍ୟାନୁଷ୍ଠାନ ସହରର ବୁଦ୍ଧିଜୀବୀଙ୍କୁ ସନ୍ତୁଷ୍ଟ କରିପାରି ନାହିଁ। ସେମାନଙ୍କ କହିବା ଅନୁଯାୟୀ, ତଦନ୍ତକାରୀ ଅଧିକାରୀ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିବା ପୂର୍ବରୁ ଥାନା ଅଧିକାରୀ କିମ୍ବା ବରିଷ୍ଠ ଅଧିକାରୀଙ୍କୁ କେସ୍ ଦେଖାଇଥାନ୍ତି। ତେଣୁ ଏ କ୍ଷେତ୍ରରେ କେସ୍ ରେକର୍ଡ ଦେଖିଥିବା ଅଧିକାରୀଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଆଉ କିଛି ତଥ୍ୟ ଥିଲେ ମଧ୍ୟ କାହା ନିର୍ଦ୍ଦେଶରେ ତାହାକୁ ଲୋକ ଲୋଚନକୁ ଅଣାଗଲା ନାହିଁ। ବାପିଙ୍କ ନିକଟରୁ ଜବତ ହୋଇଥିବା ବାଇକ୍‌କୁ ପୋଲିସ କେଉଁ କାରଣରୁ ସିଜ୍ ଲିଷ୍ଟରେ ଦେଖାଇନାହିଁ। ବାପିଙ୍କ ସହ ସମ୍ପର୍କ ଥିବା ସନ୍ଦେହରେ ପୋଲିସ ଅନ୍ୟ ଦୁଇଜଣଙ୍କୁ ଉଠାଇ ଆଣିଥିଲା। କିନ୍ତୁ ପରେ ସେମାନଙ୍କୁ ଛାଡ଼ିଦିଆଯାଇଥିବାରୁ ଏହା ପଛରେ କି ରହସ୍ୟ ରହିଛି ତାହାର ଖୋଳତାଡ଼ କରାଯିବ ନା କେବଳ ଏସ୍ଆଇ ସେଠୀଙ୍କ ନିଲମ୍ବନରେ କାର୍ଯ୍ୟାନୁଷ୍ଠାନ ଅଟକି ଯିବ ସେ ନେଇ ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ତେବେ ଏହି ମାମଲାରେ ଆଉ ଜଣେ କି ଦୁଇ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ଜାରି ରହିଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ନିଲମ୍ବନ ନିର୍ଦ୍ଦେଶ ପାଇଥିବା ସେଠୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି।

### ବେଲ୍ ପିଟିଶନ୍ ରଦ୍ଦ ପାଇଁ ହେବ ଆବେଦନ

ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ରଖିଥିବା ଅଭିଯୋଗରେ ଅନୁଗୋଳ ପୋଲିସ ଦ୍ୱାରା ଗିରଫ ହୋଇ ବେଲ୍‌ରେ ଯାଇଥିବା ଅଭିଯୁକ୍ତ ଲିଙ୍ଗରାଯୋଡିର ବାପି ଓରଫ୍ ସତ୍ୟଜିତ ପ୍ରଧାନ (୩୩)ଙ୍କ ମାମଲାରେ ମୁହଁ ଖୋଲିଛନ୍ତି ସରକାରୀ ପବ୍ଲିକ୍ ପ୍ରସିକ୍ୟୁଟର(ପିପି) ପ୍ରଦୀପ ଦାସ। ସେ କହିଛନ୍ତି, ବେଆଇନ ବନ୍ଧୁକ କାରବାର ଘଟଣାରେ ତୁରନ୍ତ ବେଲ୍ ମିଳିବା କଥା ନୁହେଁ। ଏଭଳି ସ୍ଥିତିରେ କିଭଳି ବେଲ୍ ମିଳିଲା ତାହା ଆଶ୍ଚର୍ଯ୍ୟକର। ଏ ନେଇ କୋର୍ଟଙ୍କୁ ସାର୍ଟିଫାଏ କପି ମଗାଯାଇଛି। ଶୁକ୍ରବାର ସେ କେସ୍ ରେକର୍ଡ ଅନୁଧ୍ୟାନ କରିବେ। ପୋଲିସ କେସ୍ ରେକର୍ଡ ଯାଞ୍ଚ କରିବା ପରେ ଅଭିଯୁକ୍ତର ବେଲ୍ ପିଟିଶନ୍ ଖାରଜ କରିବାକୁ କୋର୍ଟଙ୍କୁ ଅନୁରୋଧ କରାଯିବ ବୋଲି ପିପି ସୂଚନା ଦେଇଛନ୍ତି।

### ଛାଡ଼ି ଦେଇଥିଲେ ଚେକ୍ ଲିଷ୍ଟ

ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିବା ତଦନ୍ତକାରୀ ଅଧିକାରୀ ଏସ୍ଆଇ ଅରକ୍ଷିତ ସେଠୀ କୋର୍ଟଙ୍କୁ ଚେକ୍ ଲିଷ୍ଟ ପ୍ରଦାନ କରି ନ ଥିଲେ। ତେଣୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଲ କହିଛନ୍ତି। ଏହି ଚେକ୍ ଲିଷ୍ଟ କେସ୍‌ରେ ଗୁରୁତ୍ୱ ବହନ କରିଥାଏ। ସାଧାରଣତଃ ଫେରାର ହେବା ଆଶଙ୍କା ଥିବା ଅଭିଯୁକ୍ତଙ୍କ ବିରୋଧରେ ଏହା ଲଗାଯାଇଥାଏ। ଅଭିଯୁକ୍ତଙ୍କ କାର୍ଯ୍ୟକଳାପ ଦେଖି ଏହି ଚେକ୍ ଲିଷ୍ଟ ଲଗାଯାଇଥାଏ।

### ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ହୋଇଥିଲେ ସମ୍ମାନିତ

ଗତ ନଭେମ୍ବରରେ ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜିଙ୍କ ପକ୍ଷରୁ କାର୍ଯ୍ୟରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୨୧ ପୋଲିସ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଥିଲେ ଗୁରୁବାର ନିଲମ୍ବିତ ହୋଇଥିବା ଅନୁଗୋଳ ଥାନା ଏସ୍ଆଇ ଅରକ୍ଷିତ ସେଠୀ। କିନ୍ତୁ ସମ୍ମାନିତ ହେବାର ମାସ କେଇଟା ପରେ ତାଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ନିଲମ୍ବନ କରାଯିବା ଚର୍ଚ୍ଚାର ବିଷୟ ହୋଇଛି।

# କଙ୍କଡାହାଡ଼ ଥାନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**ଢେଙ୍କାନାଳ ଅଫିସ,୩୦।୧**

- ଅଭିଯୋଗ ନ ରଖିବା, ଯୁବକଙ୍କୁ ମାଡ଼ ମାମଲା
- ପୂର୍ବରୁ ନିଲମ୍ବନ ହୋଇଥିଲେ ଏଏସ୍ଆଇ



ଢେଙ୍କାନାଳ ଜିଲା କଙ୍କଡାହାଡ଼ ଥାନାରେ ଜଣେ ମହିଳାଙ୍କ ଅଭିଯୋଗ ନ ରଖିବା ଓ ଏ ସମ୍ପର୍କରେ ଥାନାକୁ ବୁଝିବାକୁ ଯାଇଥିବା ଜଣେ ଯୁବକଙ୍କୁ ମାଡ଼ ମାରିବା ଘଟଣାରେ ଥାନା ଅଧିକାରୀ ପ୍ରମୋଦ କୁମାର ଲେଙ୍କାଙ୍କୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଗୁରୁବାର ନିଲମ୍ବିତ କରିଛନ୍ତି। କାର୍ଯ୍ୟରେ ଅବହେଳା ଓ ବିଶୃଙ୍ଖଳିତ ଆଚରଣ ଯୋଗୁ ତାଙ୍କୁ ନିଲମ୍ବନ କରାଯାଇଥିବା ଢେଙ୍କାନାଳ ଏସ୍‌ପି ଅନୁପମା ଜେମ୍ସ ସୂଚନା ଦେଇଛନ୍ତି।

ଘଟଣା ମୁତାବକ, ଗତ ଡିସେମ୍ବର ୧୩ ତାରିଖ ସନ୍ଧ୍ୟାରେ କଙ୍କଡାହାଡ ଥାନା ଶଶାପଶି ଗ୍ରାମରେ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ମାଡ଼ ମାରୁଥିଲେ। ଏହା ଦେଖି ପଡୋଶୀ ବବିତା କବି ସମ୍ପୃକ୍ତ ମହିଳାଙ୍କୁ ରକ୍ଷା କରିବାକୁ ଚେଷ୍ଟା କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ମାଡ ଖାଉଥିବା ମହିଳାଙ୍କ ସ୍ୱାମୀ ବବିତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଗୁରୁତର ଅବସ୍ଥାରେ ବବିତାଙ୍କୁ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାରେ ବବିତାଙ୍କ ସ୍ୱାମୀ ଜୟରାମ କବି କଙ୍କଡାହାଡ ଥାନାରେ ଲିଖିତ ଅଭିଯୋଗ କରିବା ପରେ ମଧ୍ୟ ପୋଲିସ ମାମଲା ରୁଜୁ କିମ୍ବା ତଦନ୍ତ କରି ନ ଥିଲା। ଏ ସମ୍ପର୍କରେ ଉକ୍ତ ଗ୍ରାମର ଜ୍ଞାନରଞ୍ଜନ ବେହେରା ଗତ ୭ ତାରିଖ ସନ୍ଧ୍ୟାରେ ଥାନାକୁ ଯାଇ ମାମଲା ରୁଜୁ ହୋଇଛି କି ନା ପଚାରିବାରୁ ଥାନା ଅଧିକାରୀ ତାଙ୍କୁ ଉଲଗ୍ନ କରି ମାଡ଼ ମାରିବା ସହ ହାଜତରେ ପୂରାଇ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ବବିତା ଓ ଜ୍ଞାନରଞ୍ଜନ ଗତ ୯ ତାରିଖରେ ଢେଙ୍କାନାଳ ଏସ୍‌ପିଙ୍କଠାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ଗତ ୧୦ ତାରିଖରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏସ୍‌ପିଙ୍କ ହସ୍ତକ୍ଷେପ ପରେ କଙ୍କଡାହାଡ ଥାନାରେ ଏ ନେଇ ନଂ-୪୧୨୦, ଦଫା-୩୨୫ ଓ ୩୦୭ରେ ମାମଲା ରୁଜୁ କରାଯାଇଥିଲା। ଏଥିସହ ଥାନା ଅଧିକାରୀ ପ୍ରମୋଦ କୁମାର ଲେଙ୍କାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ପରେ ଥାନା ଏଏସ୍ଆଇ ଯଶୋବନ୍ତ ପୃଷ୍ଟିଙ୍କୁ କର୍ତ୍ତବ୍ୟରେ ଅବହେଳା ଯୋଗୁ ନିଲମ୍ବିତ କରାଯାଇଥିଲା । ଘଟଣାର ତଦନ୍ତ କରାଯିବା ପରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଥାନା ଅଧିକାରୀ ପ୍ରମୋଦ କୁମାର ଲେଙ୍କାଙ୍କୁ ନିଲମ୍ବିତ କରିଛନ୍ତି। ନିଲମ୍ବନ ସମୟ ମଧ୍ୟରେ ସେ ତାଳଚେରସ୍ଥିତ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜିଙ୍କ ଅଧୀନରେ ଶୃଙ୍ଖଳିତ ଭାବରେ ଉପସ୍ଥାନ ଦେବେ ବୋଲି ନିର୍ଦ୍ଦେଶ ରହିଛି।

# ସାଇକେଲ ଷ୍ଟାଣ୍ଡ ଉଦ୍‌ଘାଟିତ

**ପାଲଲହଡା,୩୦।୧(ଡି.ଏନ.ଏ.)**



ପାଲଲହଡ଼ା ଉପଖଣ୍ଡ ଖମାରଠାରେ ଥିବା ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ବିଦ୍ୟାପୀଠରେ ଗୁରୁବାର ସାଇକେଲ ଷ୍ଟାଣ୍ଡ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ୨୪ ନଂ. ଜୋନ ଜିଲା ପରିଷଦ ସଦସ୍ୟ ସରୋଜ କୁମାର ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହିଅବସରରେ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରୋଜ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଖମାର ସମିତି ସଭ୍ୟା ଶକୁନ୍ତଳା ସାହୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ବିଜୟ କୁମାର ନନ୍ଦଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# କୁଲାଡ଼ ମହିମା ଟୁଙ୍ଗିରେ ବାଲ୍ୟଲୀଳା ଉତ୍ସବ

**ବଅଁରପାଳ, ୩୦।୧ (ଡି.ଏନ୍.ଏ)**

ମହାନିତ୍ୟ ମହିମା ସମାଜ କୁଲାଡ଼ ପକ୍ଷରୁ କୁଲାଡ଼ ମହିମା ଟୁଙ୍ଗିରେ ବାର୍ଷିକ ବାଲ୍ୟଲୀଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଧବାର ସନ୍ଧ୍ୟାରେ ଶୂନ୍ୟ ମନ୍ଦିର ପରିସରରେ ୨୧ ଶାଖା ବିଶିଷ୍ଟ ପିତ୍ତଳ ଝାଡ଼ବତୀରେ ଅଖଣ୍ଡବତୀ ପ୍ରଜ୍ୱଳନ କରାଯାଇଥିଲା। ଗ୍ରାମର ଶତାଧିକ ଭକ୍ତ ଓ ଜନସାଧାରଣ ଶରଣ ଦର୍ଶନ କରିଥିଲେ। ଅଖଣ୍ଡବତୀ ଓ ବ୍ରହ୍ମଧ୍ୱନିରେ ଘୃତାହୁତି ଦିଆଯାଇ ବିଶ୍ୱ ବ୍ରହ୍ମାଣ୍ଡର ମଙ୍ଗଳକାମନା କରାଯାଇଥିଲା। ଭକ୍ତମାନେ ମନ୍ଦିର ଚତୁଃପାର୍ଶ୍ୱରେ ଗ୍ରାମର ସେବା କରିଥିଲେ। ପାର୍ଶ୍ୱବର୍ତ୍ତୀ ଗ୍ରାମ ଖଳିବେରେଣା, ବନ୍ଦା ଓ ଅଙ୍ଗାରବନ୍ଧ ଗ୍ରାମର ମହିଳା ଭଜନ ମଣ୍ଡଳୀ ଯୋଗଦେଇ ଖଞ୍ଜଣି ଭଜନ ପରିବେଷଣ କରିଥିଲେ। ଗୁରୁବାର ପ୍ରାତଃ ବ୍ରାହ୍ମ ମୁହୂର୍ତ୍ତରେ ଭିକ୍ଷା ମଣ୍ଡପରେ ଚୁଡ଼ା, ଗୁଡ଼, ନଡ଼ିଆ, କଦଳୀ, ଘିଅ ଓ ଦହିରେ ପ୍ରସ୍ତୁତ ବାଲ୍ୟଲୀଳା ଅହ୍ଲଣିଆ ପ୍ରସ୍ତୁତ କରାଯାଇ ଅଲେଖ ଶୂନ୍ୟ ପ୍ରଭୁଙ୍କୁ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବାବା ରବି ଦାସ, କରୁଣାକର ଦାସ, ବୈଷ୍ଣବ ଦାସ ପ୍ରମୁଖ ନୀତିକାର୍ଯ୍ୟ ଓ ବତୀ ପ୍ରଜ୍ୱଳନ, ଧୂନିସ୍ଥାପନା କାର୍ଯ୍ୟ ସମ୍ପାଦନ କରିଥିଲେ। ମହିମା ସମାଜର ଭକ୍ତ ପ୍ରେମାନନ୍ଦ ସେଠ, ଲୋକେଶ ଜେନା, ରାଜେଶ ଜେନା, ବୈରାଗୀ ସେଠ, ପରେଶ ଜେନା, ଗଙ୍ଗାଧର ସେଠ, କାର୍ତ୍ତିକ ସେଠ, ମନୋଜ ଜେନା, ପୃଥ୍ୱୀରାଜ ଜେନା, ଗଦାଧର ସେଠ, କରୁଣାକର ସେଠ, ଭୂତେଶ ଜେନା, ବନମାଳୀ ସେଠ, ଗୁରୁଚରଣ ସେଠ, ପ୍ରଫୁଲ୍ଲ ସେଠ, ପ୍ରଣବ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କୁଲାଡ଼ ମହିମା ଟୁଙ୍ଗିରେ ବାଲ୍ୟଲୀଳା ଉତ୍ସବ।

# ଶୈଳଶ୍ରୀକ୍ଷେତ୍ରରେ ପହଞ୍ଚିଲା ୩ ମଶାଲ


ବଇଣ୍ଡାଠାରେ ମଶାଲ ଶୋଭାଯାତ୍ରାକୁ ସ୍ୱାଗତ ପାଇଁ ପୂଜାର୍ଚ୍ଚନା କରାଯାଉଛି।

### ଜିଲା ମହୋତ୍ସବ ସଜବାଜ


ଶୈଳ ଶ୍ରୀକ୍ଷେତ୍ରରେ ୩ ମଶାଲ।


ପାଲଲହଡ଼ାରେ ମଶାଲ ଶୋଭାଯାତ୍ରାକୁ ସ୍ୱାଗତ କରାଯାଉଛି।

**ଅନୁଗୋଳ ଅଫିସ, ୩୦।୧**

ଅନୁଗୋଳ ଜିଲାରେ ଚଳିତ ବର୍ଷ ଅଷ୍ଟମ ଜିଲା ମହୋତ୍ସବ ପାଳନ କରାଯିବ। ଏଥିପାଇଁ ଗୁରୁବାର ସକାଳେ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ନେତୃତ୍ୱରେ ମଶାଲ ଶୋଭାଯାତ୍ରା କରାଯାଇଥିଲା। ଅନୁଗୋଳର ସାତକୋଶିଆ, ପାଲଲହଡ଼ାର ଖୁଲୁଡ଼ି, ଆଠମଲ୍ଲିକର ଦେଉଳଝରି ଶୈବପୀଠରେ ପୂଜାର୍ଚ୍ଚନା କରାଯାଇ ମଶାଲ ତାଳଚେରର ମା' ହିଙ୍ଗୁଳାଙ୍କ ପୀଠକୁ ନିଆଯାଇଥିଲା। ସେଠାରେ ପୂଜାର୍ଚ୍ଚନା ପରେ ମଶାଲକୁ ମା' ବୁଢ଼ୀ ଠାକୁରାଣୀଙ୍କ ନିକଟକୁ ନେଇ ସନ୍ଧ୍ୟାରେ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ରଖାଯାଇଛି।

ପ୍ରଥମେ ସାତକୋଶିଆ ଅଭୟାରଣ୍ୟ ଟିକରପଡ଼ା ଶୈବପୀଠରୁ ମଶାଲ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ନେତୃତ୍ୱରେ ବାହାରିଥିଲା। ତାଙ୍କ ସହିତ ଜିଲା ସୂଚନା ଲୋକ ଓ ସମ୍ପର୍କ ଅଧିକାରୀ, ବ୍ଲକ ଚେୟାରମ୍ୟାନ ନିରଞ୍ଜନ ଦେହୁରୀ, ବିଡିଓ ମାୟାଧର ବେହେରା, ତହସିଲଦାର ନେହେରୁ ମାଝି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅମରେନ୍ଦ୍ରନାଥ ମହାନ୍ତି, ଜିଲା ସାଂସ୍କୃତିକ ଅଧିକାରୀ ଜଗଦୀଶ ରାଏ, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ, ସାତକୋଶିଆ ଏସିଏଫ୍ ଶୁଭେନ୍ଦୁ ବେହେରା, ଟିକରପଡ଼ା ରେଞ୍ଜର ଜୟନ୍ତ ପଟ୍ଟନାୟକ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ, ସୁପରଭାଇଜର ମମତା ସିଂହଙ୍କ ସହିତ ବନ, ମତ୍ସ୍ୟ, ଜଳ ସମ୍ପଦ, ଉଦ୍ୟାନ, କୃଷି ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ସମନ୍ୱିତ ଶିଶୁ ବିକାଶ ବିଭାଗ ଓ ଛୁଟୁକେଇ ନେଚର କ୍ୟାମ୍ପ ପକ୍ଷରୁ ପ୍ରଜ୍ଞାପନ ରଥ ବାହାରିବା ସହ ଜଳସଂରକ୍ଷଣ ପାଇଁ ଏକ ସ୍ୱତନ୍ତ୍ର ରଥ ଶୋଭାଯାତ୍ରାରେ ନିଆଯାଇଥିଲା। ଟିକରପଡ଼ା ଶୈବପୀଠରେ ପୂଜାର୍ଚ୍ଚନା ପରେ ଟିକରପଡ଼ା ଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ନିଆଯାଇଥିଲା। ସେଠାରୁ ପୁରୁଣାକୋଟ, ଜଗନ୍ନାଥପୁର, ପମ୍ପାସର, ବନ୍ତଳା ଛକ, ମହୀଧରପୁର ଓ କଲେଜ ଛକ ଦେଇ ଅନୁଗୋଳ ସହରକୁ ପ୍ରବେଶ ପରେ ସର୍କିଟ ହାଉସଠାରେ ଜିଲାପାଳ ସ୍ୱାଗତ କରିଥିଲେ। ପରେ ତୁରଙ୍ଗ, କାଣ୍ଡସର, ନାଲକୋନଗର, କୁଲାଡ଼, ବଅଁରପାଳ, ଚାଇଁପାଳ, ତାଳଚେର, ବଲଣ୍ଡା, ଡଅଁରା ଦେଇ ହିଙ୍ଗୁଳା ମନ୍ଦିରକୁ ନିଆଯାଇଥିଲା। ସେହିପରି ଆଠମଲ୍ଲିକର ଦେଉଳଝରୀ ଶୈବପୀଠରୁ ବାହାରିଥିବା ମଶାଲ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କ ନେତୃତ୍ୱରେ ଆଠମଲ୍ଲିକ ଉପଜିଲାପାଳ ରଜନୀକାନ୍ତ ବିଶ୍ୱାଳଙ୍କ ସହ ବିଡିଓ, ତହସିଲଦାରଙ୍କ ଉପସ୍ଥିତିରେ ଶୋଭାଯାତ୍ରାରେ ଅଣାଯାଇ କୁମଣ୍ଡ ଦେଇ ହିଙ୍ଗୁଳା ପୀଠରେ ଅପରାହ୍ନ ୪ଟା ସୁଦ୍ଧା ପହଞ୍ଚାଯାଇଥିଲା। ସେହିପରି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟଙ୍କ ନେତୃତ୍ୱରେ ବିଧାୟକ ମୁକେଶ ପାଲ, ଉପଜିଲାପାଳ ଅଜିତ କୁମାର ପ୍ରଧାନ, ବ୍ଲକ ଅଧ୍ୟକ୍ଷ ନବ କିଶୋର ନାଏକଙ୍କ ଉପସ୍ଥିତିରେ ଖୁଲୁଡ଼ି ଶୈବପୀଠରୁ ମଶାଲ ଶୋଭାଯାତ୍ରାରେ ହିଙ୍ଗୁଳା ପୀଠକୁ ଅଣାଯାଇଥିଲା। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ହିଙ୍ଗୁଳା ଟ୍ରଷ୍ଟ ପକ୍ଷରୁ ତିନୋଟି ମଶାଲକୁ ସମ୍ବର୍ଦ୍ଧିତ କରିବା ପରେ ପୂଜାପାଠ କରାଯାଇଥିଲା। ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଉପସ୍ଥିତ ଥିଲେ। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ପୁଷ୍ପଗୁଚ୍ଛ ଓ ମା' ହିଙ୍ଗୁଳାଙ୍କ ସ୍ମରଣିକା ଅଗ୍ନିସ୍ନାତା ଦେଇ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହିଙ୍ଗୁଳା ପୀଠରୁ ୩ଟି ମଶାଲ ବାହାରି ଅନୁଗୋଳର ମା' ବୁଢ଼ୀ ଠାକୁରାଣୀ ପୀଠକୁ ନିଆଯାଇଥିଲା। ସେଠାରୁ ଶୈଳଶ୍ରୀକ୍ଷେତ୍ର ମନ୍ଦିରକୁ ନିଆଯାଇ ଗୋଟିଏ ଜାଗାରେ ୩ଟି ମଶାଲକୁ ରଖାଯାଇଥିଲା। ଆସନ୍ତା ୭ ତାରିଖରେ ହେବାକୁ ଥିବା ଜିଲା ମହୋତ୍ସବ ପାଇଁ ମଶାଲ ଷ୍ଟାଡିୟମକୁ ନିଆଯାଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରାଯିବ।


ତାଳଚେରସ୍ଥିତ ମା' ହିଙ୍ଗୁଳାଙ୍କ ପୀଠ ପରିସରରେ ପହଞ୍ଚିଥିବା ୩ ମଶାଲ।


ଛେଣ୍ଡିପଦାରେ ମଶାଲ ଶୋଭାଯାତ୍ରା ଯାଉଛି।


ପୁରୁଣାଗଡରେ ମଶାଲକୁ ପୂଜାର୍ଚ୍ଚନା କରାଯାଉଛି।

## ସଂକ୍ଷେପରେ

### ଜଙ୍ଗଲରୁ ମୃତଦେହ ଉଦ୍ଧାର

ଭୁବନ,୩୦।୧(ଡି.ଏନ.ଏ)- ଢେଙ୍କାନାଳ ଜିଲା ଭୁବନ ଥାନା ମହୁଲପାଳ ଗ୍ରାମର ବିଜୟ ଓଝା(୪୨)ଙ୍କ ମୃତଦେହ ଗୁରୁବାର ସକାଳେ ମୃଦଙ୍ଗା ପଞ୍ଚାୟତ କୁଣ୍ଡା ଗ୍ରାମ ନିକଟରେ ଥିବା କୁଣ୍ଡା ଜଙ୍ଗଲ ନିକଟରୁ ପୋଲିସ ଜବତ କରିଛି । ବିଜୟ ରବିବାରଠାରୁ ବ୍ୟବସାୟ ପାଇଁ ଘରୁ ଯାଇ ଆଉ ଫେରି ନ ଥିଲେ । ଗୁରୁବାର ପରିବାର ଲୋକେ ବିଜୟଙ୍କ ମୃତଦେହ ଜଙ୍ଗଲରେ ପଡିଥିବା ଜାଣିବାକୁ ପାଇଥିଲେ। ଖବରପାଇ ଭୁବନ ଥାନା ଅଧିକାରୀ ନିର୍ମଳା ଗୋଛାୟତ ପହଞ୍ଚି ତଦନ୍ତ କରିଥିଲେ । ବିଜୟଙ୍କ ମୁହଁ ଓ ଦେହରେ କ୍ଷତଥିବା ଦେଖାଯାଇଛି। ସାଇଣ୍ଟିଫିକ୍ ଦଳ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯାଇଛି। ବିଜୟଙ୍କ ସ୍ତ୍ରୀ ଲକ୍ଷ୍ମୀ ଓଝାଙ୍କ ଅଭିଯୋଗ କ୍ରମେ ଏ ସଂକ୍ରାନ୍ତରେ ଭୁବନ ଥାନାରେ ନଂ-୩୩/୨୦ରେ ଏକ ମାମଲା ରୁଜୁ କରାଯାଇଛି । ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି ।

### ଆଇନ ମହାବିଦ୍ୟାଳୟରେ ଶହୀଦ ଦିବସ

ଢେଙ୍କାନାଳ ଅଫିସ,୩୦।୧- ଢେଙ୍କାନାଳ ଆଇନ ମହାବିଦ୍ୟାଳୟରେ ଗୁରୁବାର ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଉପଲକ୍ଷେ ଶହୀଦ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ଡ. ବିଜୟଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଗାନ୍ଧିଜୀଙ୍କ ଉତ୍ସର୍ଗୀକୃତ ସେବା ଓ ଆଦର୍ଶ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ର ଓ ପୁରାତନ ଛାତ୍ରୀଛାତ୍ର ଆଲୋଚନାରେ ଅଂଶଗ୍ରହଣ କରିବା ସହ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଶପଥପାଠ କରିଥିଲେ । ଅଧାପକ ଜ୍ଞାନରଞ୍ଜନ ମିଶ୍ର, ଅମରେନ୍ଦ୍ର ତାରେଣିଆ, ଅଧାପିକା ପ୍ରିୟଦର୍ଶିନୀ ସାମନ୍ତରାୟ, କ୍ରୀଡ଼ା ଶିକ୍ଷକ ପର୍ଶୁରାମ ମିଶ୍ର, ଛାତ୍ରୀଛାତ୍ରଙ୍କ ମଧରେ ପ୍ରିୟା ଅଗ୍ରୱାଲ, ଅନସୂୟା ପଟ୍ଟନାୟକ, ବିମଳା ନାୟକ, ଅମୃତାନନ୍ଦିନୀ ମହାନ୍ତି, ମନୋଜ କୁମାର ପୃଷ୍ଟି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

### ମାଙ୍କଡ଼ ଉପଦ୍ରବ, ବ୍ୟାପକ ଫସଲ ନଷ୍ଟ

ବଇଣ୍ଡା,୩୦।୧(ଡି.ଏନ.ଏ.)- କିଶୋରନଗର ବ୍ଲକ କଣ୍ଟେଇକୁଳିଆ ପଞ୍ଚାୟତ ଇଚ୍ଛାପୁର, କଣ୍ଟେଇକୁଳିଆ ଗ୍ରାମରେ କିଛିଦିନ ହେବ ମାଙ୍କଡ଼ ଉପଦ୍ରବ ଲାଗି ରହିଛି। ଫଳରେ ବ୍ୟାପକ ଫସଲ ନଷ୍ଟ ହେଉଥିବାବେଳେ ଚାଷୀମାନେ ଚିନ୍ତିତ ହୋଇପଡ଼ିଛନ୍ତି। ବିଶେଷକରି ଇଚ୍ଛାପୁର ଗ୍ରାମର ଶ୍ରୀକାନ୍ତ ସାହୁ, ପ୍ରସନ୍ନ ସାହୁ, ସାମ୍ଭ ସାହୁ, ବିଦେଶୀ ସାହୁ, ବିପିନ ସାହୁ, ଦୁଃଖିଆ ଦେହୁରି, କଣ୍ଟେଇକୁଳିଆ ଗ୍ରାମର କୈଳାସ ସାହୁ, ଫକୀର ସାହୁ, ବୀରବର ସାହୁ, ପତି ସାହୁ, ଶାନ୍ତନୁ ପ୍ରଧାନ ପ୍ରମୁଖଙ୍କ ପନିପରିବା ଚାଷ ନଷ୍ଟ କରି ଦେଇଛନ୍ତି। ନିକଟସ୍ଥ ଜଙ୍ଗଲରୁ ଶତାଧିକ ମାଙ୍କଡ଼ ଗ୍ରାମାଭିମୁଖୀ ହୋଇ କଦଳୀ, କୋବି, ଟମାଟୋ, ଆଳୁ, ମାଖନ ଭଳି ଅନେକ ପରିବା ଖାଇବା ସହ ନଷ୍ଟ କରିଦେଇଛନ୍ତି। ତୁରନ୍ତ ବନବିଭାଗ ପକ୍ଷରୁ ପଦକ୍ଷେପ ନେଇ ସ୍ଥାୟୀ ସମାଧାନ କରିବା ସହ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରି କ୍ଷତିପୂରଣ ଯୋଗାଇ ଦେବା ପାଇଁ ପୂର୍ବତନ ସରପଞ୍ଚ ଅମାତ ସାହୁ ଦାବି କରିଛନ୍ତି।

# ଆବାସ, ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

## ପଞ୍ଚାୟତିରାଜ ଓ ପାନୀୟଜଳ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମୀକ୍ଷା

ଢେଙ୍କାନାଳ ଅଫିସ,୩୦।୧

ଢେଙ୍କାନାଳ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ବୁଧବାର ଅପରାହ୍ନରେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ ଏକ ଗସ୍ତରେ ଆସି ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି। ଜିଲାରେ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର କାର୍ଯ୍ୟଗୁଡିକ ତୁରନ୍ତ ସାରିବା ଉପରେ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଶେଷକରି କାର୍ଯ୍ୟଗୁଡିକ ଧାର୍ଯ୍ୟ ସମୟ ମଧରେ ସାରିବାକୁ ସେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହି ଯୋଜନାରେ କାର୍ଯ୍ୟ ତ୍ୱରାନ୍ୱିତ କରିବାରେ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଗୁଡିକ ଉପରେ ସେ ସନ୍ତୋଷ ବ୍ୟକ୍ତ କରିଥିଲେ। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଡେପୁଟି ସେକ୍ରେଟାରି କୁଳମଣି ମିଶ୍ର ଆବାସ ଯୋଜନାରେ ହିତାଧିକାରୀମାନଙ୍କ ଗୃହଗୁଡିକର ନିର୍ମାଣ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଅଧିକାରୀମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଜିଲାପାଳ ଭୂମେଶଚନ୍ଦ୍ର ବେହେରା ଅଧକ୍ଷତା କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡିକ ଉପରେ ଆଲୋକପାତ କରିଥିଲେ । ଆବାସ ଯୋଜନାରେ ଢେଙ୍କାନାଳ ଜିଲା ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ରାଜ୍ୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ସମୀକ୍ଷା ବୈଠକରେ ସୂଚନା ଦିଆଯାଇଥିଲା । ଏହି ବୈଠକରେ ଜିଲାର ସମସ୍ତ ବ୍ଲକର ବିଡିଓ, ବିଭାଗୀୟ ଯନ୍ତ୍ରୀ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।


ପଞ୍ଚାୟତିରାଜ ଓ ପାନୀୟଜଳ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ସମୀକ୍ଷା କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଖ ଛଇଳୀ ଗେଲ**
**ଆଗେ ହେଉଥିଲା କୁଟା ଆଲୁଅ**
**ଏବେ ମାଠିଆ ମାଠିଆ ତେଲ ।**

ସାଧାରଣତଃ ବ୍ୟକ୍ତିର ଅବସ୍ଥା ଯେବେ ସ୍ୱଚ୍ଛଳ ହୋଇଉଠେ, ସେତେବେଳେ ସେ ତା' ଅତୀତର ଦୁଃଖଦ ମୁହୂର୍ତ୍ତକୁ ଭୁଲିଯାଇଥାଏ। ଧନ ବଳରେ ସେ ନିଜ ପୂର୍ବ ପରିଚିତ ବ୍ୟକ୍ତିମାନଙ୍କୁ ଅଣଦେଖା କରିବାକୁ ଲାଗିଥାଏ। ଧନ ସମ୍ପଦର ପ୍ରାଚୁର୍ଯ୍ୟ ମଣିଷକୁ ଗର୍ବୀ ଓ ଅହଙ୍କାରୀ ସଜାଇଦିଏ। ଏପରିସ୍ଥଳେ ନିଜ ପ୍ରାଚୁର୍ଯ୍ୟକୁ ନେଇ ଛଇଛଟକୀ ଦେଖେଇ ହେଉଥିବା ମହିଳାଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେ ଦେଉଣୀକି କୋଳଥମଣ୍ଡା**
**ତହିଁ ମାରିଥିବ ଗୋବ**
**ଯେ ଯେମିତି ମାଗି ଅଇଲେ**
**ଗୋବ ଚିହ୍ନି କରି ଦେବ ।**

କେତେଜଣ ବ୍ୟକ୍ତି ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖି ନ ଥାନ୍ତି। ତାଙ୍କ ଆଖିରେ କିଏ ପର ତ କିଏ ଅଧିକ ଆପଣାର ହୋଇଥାନ୍ତି। ବାଛବିଚାର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ନାଲ୍‌କୋରେ ଫୁଲଫଳ ପ୍ରଦର୍ଶନୀ ଉଦ୍‌ଘାଟିତ

ବଅଁରପାଳ,୩୦।୧(ଡି.ଏନ.ଏ.)

ନାଲ୍‌କୋ ନଗରରେ ଗୁରୁବାର ସକାଳେ ଫୁଲ ଫଳ ଓ ପନିପରିବା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଡିଏଫଓ କାର୍ତ୍ତିକ. ଭି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ନାଲ୍‌କୋ ଇଡି ମନସାପ୍ରସାଦ ମିଶ୍ର, ମାନବ ସମ୍ବଳ ମହାପ୍ରବନ୍ଧକ ଏସ.ଏନ. ସାହୁ, ସ୍ମେଲଟର ମହାପ୍ରବନ୍ଧକ ମୃତ୍ୟୁଞ୍ଜୟ ଦାସ, ସିପିପି ମହାପ୍ରବନ୍ଧକ ଅମ୍ବିକା ପ୍ରସାଦ ପଣ୍ଡା, ଉଦ୍ୟାନ ବିଭାଗର ମୁଖ୍ୟ ଶୁଭେନ୍ଦୁ ନାୟକ, ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଫୁଲ, ଫଳ, ପନିପରିବା, ଫୁଲ ବଗିଚା, ରଙ୍ଗୋଲି ଆଦି ପ୍ରଦର୍ଶିତ ହୋଇଥିଲା। ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍ୟାନ ବିଭାଗ ତରଫରୁ ଏହି ପ୍ରଦର୍ଶନୀ ଆୟୋଜନ କରାଯାଇଛି। ଏହି ପ୍ରଦର୍ଶନୀ ଦର୍ଶକମାନଙ୍କୁ ବେଶ୍ ଆକର୍ଷିତ କରିଛି। ବିଶେଷ କରି ଫୁଲଫଳ ସହ ଫୁଲ ବଗିଚା ଓ ରଙ୍ଗୋଲି ପ୍ରତିଯୋଗିତା ଦର୍ଶକଙ୍କ ମନ ମୋହିଥିଲା। ଶୁକ୍ରବାର ଏହି ପ୍ରଦର୍ଶନୀ ଉଦ୍‌ଯାପିତ ହେବ। ଏଥିସହ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ହେବ। ଏହି କାର୍ଯ୍ୟକ୍ରମରେ ଉଦ୍ୟାନ ବିଭାଗର ଉମାକାନ୍ତ ମହାରଣା, ପି.କେ. ମଲ୍ଲିକ, ବିନୋଦ ଶତପଥୀ, ରୁଦ୍ରନାରାୟଣ ସାହୁ, ଶ୍ରମିକ ନେତା ରମେଶଚନ୍ଦ୍ର ବେହେରା, ମନୋଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।


ନାଲ୍‌କୋ ନଗରରେ ଫୁଲଫଳ ପ୍ରଦର୍ଶନୀ ଉଦ୍‌ଘାଟିତ।

## କାମାକ୍ଷାନଗରକୁ ହରାଇ ଧବଳଗିରି ସେମିରେ

ଭୁବନ,୩୦।୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଭୁବନ ବ୍ଲକ କିଙ୍ଗୋଳ ଅସୁରବନ୍ଧ ଖେଳପଡିଆରେ ଚାଲିଥିବା ଅଭିମନ୍ୟୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କାମାକ୍ଷାନଗରକୁ ହରାଇ ଧବଳଗିରି ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଧବଳଗିରି ବ୍ୟାଟିଂ କରି ୨୦୪ ରନ କରିଥିଲା। ଜବାବରେ କାମାକ୍ଷାନଗର ୧୮୭ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ବୁଲୁ ପଟ୍ଟନାୟକ, ବିପିନ ବିହାରୀ ସେଠୀ ଖେଳ ପରିଚାଳନା କରିଥିବାବେଳେ ସୋମନାଥ ପରିଡ଼ା, ଯଶୋବନ୍ତ ଧୀର ଧାରା ବିବରଣୀ ପ୍ରଦାନ କରିଥିଲେ। ଶନିବାର ୨ୟ ସେମିଫାଇନାଲ ମ୍ୟାଚ ଧବଳଗିରି ଓ ଢେଙ୍କାନାଳ ମଧରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ଟ୍ରକ୍ କ୍ୟାବିନରୁ ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

କାମାକ୍ଷାନଗର,୩୦।୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସି ମହିମା ମନ୍ଦିର ନିକଟରେ ଛିଡ଼ା ହୋଇଥିବା ଏକ ଟ୍ରକ୍ କ୍ୟାବିନରୁ କାମାକ୍ଷାନଗର ଏନ୍‌ଏସି ୧ ନମ୍ବର ୱାର୍ଡର ଅମରେନ୍ଦ୍ର ଦାସଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ଅପରପକ୍ଷେ ଅମରେନ୍ଦ୍ରଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ବାପା ଅଦ୍ୱୈତ କୁମାର ଦାସ ଥାନାରେ ଅଭିଯୋଗ କରିଛନ୍ତି।

ପୋଲିସ କହିଛି, ଅମରେନ୍ଦ୍ର ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ଆସନ୍ତା ୨୬ରେ ତାଙ୍କର ବିବାହ ଧାର୍ଯ୍ୟ ହୋଇଥିବାବେଳେ ଶୁକ୍ରବାର ନିର୍ବନ୍ଧ ସ୍ଥିର ହୋଇଥିଲା। ଶନିବାର ସେ ଟ୍ରକ୍ ମାଲିକ ଓ ପରିବାର ଲୋକଙ୍କ ସହ ମୋବାଇଲ ଯୋଗେ କଥା ହୋଇଥିଲେ। ତେବେ ପରବର୍ତ୍ତୀ ସମୟରେ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ଟ୍ରକ୍‌ଟି ରବିବାରଠାରୁ ମହିମା ମନ୍ଦିର ନିକଟରେ ଛିଡା ହୋଇଥିଲା। ଗୁରୁବାର ଟ୍ରକ୍ କ୍ୟାବିନରୁ ଗନ୍ଧ ବାହାରିବାରୁ ସ୍ଥାନୀୟ ଲୋକ କ୍ୟାବିନ ଝରକା କାଚରେ ଅମରେନ୍ଦ୍ରଙ୍କ ମୃତଦେହ ଦେଖି ତାଙ୍କ ପରିବାର ଓ ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ କାମାକ୍ଷାନଗର ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ, ଥାନା ଅଧିକାରୀ ଅଭିନବ ଡାଲୁଆ, ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ ଚଳାଇଛନ୍ତି। ଏ ନେଇ କାମାକ୍ଷାନଗର ଥାନାରେ କେସ ନଂ ୨୯/୨୦ରେ ଏକ ମାମଲା ରୁଜୁ ହୋଇଛି।

# ବିଜେଡି ପକ୍ଷରୁ ଶହୀଦ ଦିବସ

ଢେଙ୍କାନାଳ ଅଫିସ,୩୦।୧

ଢେଙ୍କାନାଳ ଜିଲା ବିଜେଡି ପକ୍ଷରୁ ଦଳୀୟ କାର୍ଯ୍ୟାଳୟଠାରେ ଗୁରୁବାର ଶହୀଦ ଦିବସ ପାଳିତ ହୋଇଯାଇଛି। ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜେଡି ଜିଲା କୃଷକ ଶାଖା ସଭାପତି ନରୋତ୍ତମ ସାହୁ ସଭାପତିତ୍ୱ କରିଥିଲେ। ସତ୍ୟ, ନିଷ୍ଠା, ଶାନ୍ତି ଓ ଅହିଂସା ଗାନ୍ଧିଜୀଙ୍କର ପରମଧର୍ମ ଥିଲା। ତାଙ୍କର ଅହିଂସା ଦୀପ ସାରା ବିଶ୍ୱକୁ ଆଲୋକିତ କରିଥିଲା ବୋଲି ଦଳୀୟ ନେତୃବୃନ୍ଦ ଆଲୋଚନା କରିଥିଲେ । ଓଡ଼ିଶା ସରକାର ରାଜ୍ୟକୁ ପ୍ରଗତି ପଥରେ ଆଗେଇ ନେଉଥିବା ବେଳେ ପ୍ରତ୍ୟେକ ବ୍ୟକ୍ତି ନିଷ୍ଠାପର ଭାବରେ ଲୋକଙ୍କ ସେବା କରିବା ପାଇଁ ସଂକଳ୍ପ ନେବା ନିମନ୍ତେ ପରାମର୍ଶ ଦିଆଯାଇଥିଲା । ଢେଙ୍କାନାଳ ବିଧାୟକଙ୍କ ପ୍ରତିନିଧି ଦେବାଶିଷ ମିଶ୍ରଙ୍କ ସମେତ ନଗର ବିଜେଡି ମହିଳା ସଭାପତି ଶୁଭଲକ୍ଷ୍ମୀ ସାହୁ, ଯୁବ ବିଜେଡି ନଗର ସଭାପତି ସଞ୍ଜୀବ ମଲିକ, ସାଧାରଣ ସମ୍ପାଦକ ଅବିନାଶ ଜେନା, ରୁଦ୍ରାନ୍ତ ଦଳେଇ, ମହମ୍ମଦ ସାଗିର, ଶ୍ରୀକାନ୍ତ ଧଳ, ରାଜୁ ପାଣ୍ଡେ, ଦେବୀ ଶଙ୍କର ଶର୍ମା, ପ୍ରତାପ କୁମାର ଦାସ, ନିରାକାର ରାଉତ, ଶ୍ରଦ୍ଧାଞ୍ଜଳି ସାହୁ, ରିତା ନାୟକ, ଜ୍ୟୋସ୍ନାରାଣୀ ମଣ୍ଡଳ ପ୍ରମୁଖଙ୍କ ସମେତ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ଉପସ୍ଥିତ ଥିଲେ । ଜିଲା ଯୁବ ବିଜେଡି ଉପସଭାପତି ବିନୋଦ କୁମାର ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ ।

## ପୂଜା ପାଇଲେ ମା' ସରସ୍ୱତୀ



ହିନ୍ଦୋଳ,୩୦।୧(ଡି.ଏନ.ଏ.)

ହିନ୍ଦୋଳ ବ୍ଲକ କନ୍ତାମିଲା-ବାଉଁଶପୋଖରୀ ଅଞ୍ଚଳରେ ଗୁରୁବାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଡିହସାହି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଅଙ୍ଗନୱାଡି ପକ୍ଷରୁ ମିଳିତ ପୂଜା ମଣ୍ଡପରେ ଦେବୀ ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ସେହିପରି ନୂଆକୋଟ ଓଡିଶା ଶିଶୁ ମନ୍ଦିର, ବରଡାପାଳ, କର୍ଣ୍ଣପୁର, ଖଜୁରିଆମୁଣ୍ଡା ବିଦ୍ୟାଳୟରେ ପୂଜା ଅନୁଷ୍ଠିତ ହୋଇଥିଲା।

# ଭୁବନେଶ୍ୱରକୁ ହରାଇ ପାରାଦୀପ ସେମିରେ

କାମାକ୍ଷାନଗର,୩୦।୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା କଙ୍କଡାହାଡ ବ୍ଲକ ହଳଦୀକୁଣ୍ଡି ଗ୍ରାମ୍ୟ ପଡିଆରେ ହଳଦୀକୁଣ୍ଡି ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୮ମ ରାଜ୍ୟସ୍ତରୀୟ ହଳଦୀକୁଣ୍ଡି କପ୍ କ୍ରିକେଟର ୩ୟ କ୍ୱାର୍ଟର ଫାଇନାଲ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର କ୍ରିକେଟ କ୍ଲବକୁ ହରାଇ ପାରାଦୀପ ସେମିଫାଇନାଲରେ ପ୍ରବେଶ କରିଛି। ପାରାଦୀପ ପ୍ରଥମେ ବ୍ୟାଟିଂ କରି ୧୮୨ ରନ କରିଥିଲା। ଜବାବରେ ଭୁବନେଶ୍ୱର ୧୬୦ ରନ କରି ପରାସ୍ତ ହୋଇଥିଲା। ବିଜୟୀ ଦଳର ଆଶୁତୋଷ ମହାନ୍ତି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶିକ୍ଷାବିତ୍ ପ୍ରେମାନନ୍ଦ ସାହୁ ଅତିଥି ଭାବେ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ସୁରେନ୍ଦ୍ର ସାହୁ, ପପୁନି ସାହୁ କ୍ରୀଡା ପରିଚାଳନା କରିଥିଲେ। ଅଭୟ ବେହେରା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ବିପିନି ବିହାରୀ ସାହୁ ଧାରା ବିବରଣୀ ଦେଇଥିଲେ। ଶୁକ୍ରବାର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ପାଓନିଅର ପୁରୀ ଓ ହଳଦୀକୁଣ୍ଡି ସ୍ପୋର୍ଟିଂ କ୍ଲବ ମଧରେ ଅନୁଷ୍ଠିତ ହେବ।


ଅତିଥିମାନେ ଜଣେ କୃତୀ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

# ଖବରକାଗଜରେ ଲୋକଙ୍କ କଥା ଉପସ୍ଥାପନ କରୁଥିଲେ ଗାନ୍ଧିଜୀ

## ସାମ୍ବାଦିକ, ସମ୍ପାଦକ ମନୋଗ୍ରାମ ଉନ୍ମୋଚିତ

ଢେଙ୍କାନାଳ ଅଫିସ,୩୦।୧

ଢେଙ୍କାନାଳ ଭାରତୀୟ ଜନସଞ୍ଚାର ସଂସ୍ଥାନ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସରେ ଗୁରୁବାର 'ମହାତ୍ମା ଗାନ୍ଧୀ: ସାମ୍ବାଦିକ ଓ ସମ୍ପାଦକ' ମନୋଗ୍ରାମ ଉନ୍ମୋଚିତ ହୋଇଛି। ଭାରତୀୟ ସାମ୍ବାଦିକ କ୍ଷେତ୍ରରେ ଗାନ୍ଧୀଙ୍କ ଅବଦାନ ଅତୁଳନୀୟ ଥିଲା। ତାଙ୍କ ଭାଷା ଥିଲା ଅତି ସାଧାରଣ ଓ ସ୍ପଷ୍ଟ। ସାଧାରଣ ଲୋକଙ୍କ କଥାକୁ ଖବରକାଗଜ ମାଧମରେ ସେ ଉପସ୍ଥାପନ କରୁଥିଲେ। ବର୍ତ୍ତମାନ ପିଢିର ଖବରଦାତାମାନେ ଗାନ୍ଧିଜୀଙ୍କ ସାମ୍ବାଦିକତା ମାର୍ଗକୁ ଆପଣାଇ ପାରିଲେ ସମୃଦ୍ଧ ଦେଶ ଗଠନ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ସଂସ୍ଥାନର ସହକାରୀ ପ୍ରଫେସର ଡ. ଜ୍ୟୋତିପ୍ରକାଶ ମହାପାତ୍ର, ସମ୍ବିତ ପାଲ ଓ ଏକାଡେମିକ୍ କୋଅର୍ଡିନେଟର ଜିତେନ୍ଦ୍ର ପତି ଏହାକୁ ଉନ୍ମୋଚିତ କରିଥିଲେ। ଏଥିରେ ମହାତ୍ମା ଗାନ୍ଧୀଙ୍କ ଅଣଜାତି ତୁଷାର ଅରୁଣ ଗାନ୍ଧୀଙ୍କ ଠାରୁ ଆରମ୍ଭ କରି ଦେଶର ବିଶିଷ୍ଟ ଲେଖକ, ଶିକ୍ଷାବିତ, ସାମ୍ବାଦିକ ଓ ଐତିହାସିକଙ୍କର ୨୬ଟି ନିବନ୍ଧ ସ୍ଥାନ ପାଇଛି । ସାମ୍ବାଦିକତା ଏବଂ ସମ୍ପାଦନା କ୍ଷେତ୍ରରେ ଗାନ୍ଧିଜୀଙ୍କ ଅବଦାନ ତଥା ବିଭିନ୍ନ ଭୂମିକା ନିବନ୍ଧଗୁଡିକରେ ଆଲୋଚନା ହୋଇଛି। ଆଇଆଇଏମ୍‌ସିର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ ଓ କଲିକତା ଦୂରଦର୍ଶନର ବରିଷ୍ଠ ସାମ୍ବାଦିକ ସ୍ନେହାଶିଷ ସୂର ମନୋଗ୍ରାଫ୍‌କୁ ସମ୍ପାଦନା କରିଛନ୍ତି । ନିବନ୍ଧଗୁଡିକୁ ମୂଳ ଇଂଲିଶରୁ ଓଡ଼ିଆରେ ଅନୁବାଦ କରିଛନ୍ତି ଏକାଡେମିକ୍ ଆସିଷ୍ଟାଣ୍ଟ ପଦ୍ମଲୋଚନ ପ୍ରଧାନ।


ମନୋଗ୍ରାମକୁ ଉନ୍ମୋଚନ କରାଯାଉଛି।

# ଗାନ୍ଧୀଙ୍କ ଆଦର୍ଶକୁ ବିଶ୍ୱ ଝୁରିହେଉଛି

## ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ

ଢେଙ୍କାନାଳ ଅଫିସ,୩୦।୧

ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଟାଉନହଲଠାରେ ଗୁରୁବାର ଅପରାହ୍ନରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଓ ଜାତୀୟ କୁଷ୍ଠ ନିରାକରଣ ଦିବସ ପାଳିତ ହୋଇଯାଇଛି । ଉତ୍ସବରେ ଅଧକ୍ଷତା କରି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କହିଲେ ଯେ, ଗାନ୍ଧିଜୀଙ୍କ ଆଦର୍ଶକୁ ସମଗ୍ର ବିଶ୍ୱ ସମ୍ମାନ ଜଣାଉଥିଲେ । ସେ ସତ୍ୟ ଓ ଅହିଂସାର ପୂଜାରୀ ଥିଲେ। ଛୁଆ, ଅଛୁଆଁ ଭେଦଭାବ ନ ରଖି ସମସ୍ତେ ଏକ୍ ବୋଲି ତାଙ୍କର ଆହ୍ୱାନ ପ୍ରେରଣାର ଉତ୍ସ ଥିଲା। ତାଙ୍କର ଆଦର୍ଶ ଓ ଚିନ୍ତାଧାରାରେ ଅନୁପ୍ରାଣିତ ହେଲେ ଏହା ହିଁ ତାଙ୍କପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏସ୍‌ପି ଅନୁପମା ଜେମସ୍ କହିଲେ, ମହାତ୍ମା ଗାନ୍ଧୀ ବିଶ୍ୱର ଜଣେ ଶ୍ରେଷ୍ଠ ବ୍ୟକ୍ତିତ୍ୱ ଥିଲେ। ତାଙ୍କର ନୀତି, ଆଦର୍ଶକୁ ସମଗ୍ର ବିଶ୍ୱ ଝୁରୁଛି । ମୁଖ୍ୟବକ୍ତା ଶିକ୍ଷାବିତ ଶାନ୍ତନୁ କୁମାର ସର କହିଲେ ଯେ, ଗାନ୍ଧିଜୀ ବିଶ୍ୱ ପାଇଁ ଥିଲେ ମହାମାନବ । ସେ ସତ୍ୟ ଅହିଂସା ଦ୍ୱାରା ସ୍ୱାଧୀନତା ଆଣିଥିଲେ ବୋଲି ସେ କହିଥିଲେ । ଜିଲା ସଂସ୍କୃତି ଅଧିକାରୀ ଶୁକ୍ଳୁ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର ଓ ଡା. ସୂର୍ଯ୍ୟ ନାରାୟଣ ଦତ୍ତ କୁଷ୍ଠରୋଗ ନିରାକରଣ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତବର୍ଷ ଜିଲାରେ ୫୦୬ ରୋଗୀଙ୍କୁ ଚିହ୍ନଟ କରାଯାଇଥିବା ସୂଚନା ଦିଆଯାଇଥିଲା ।

ଏହି ଅବସରରେ ସ୍ପର୍ଶ କୁଷ୍ଠ ସଚେତନତା ପାଇଁ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ କୁମାର ମଲିକ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅବନୀ ମିଶ୍ର ସଂଯୋଜନା କରିଥିଲେ। ଏହି ଅବସରରେ ସକାଳ ୯ଟାରେ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଗାନ୍ଧୀପାର୍କଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ଜିଲା ସଂସ୍କୃତି ଅଧିକାରୀ ସୁକ୍ଳୁ ସ୍ୱାଇଁଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ମାଲ୍ୟାର୍ପଣ କରିଥିଲେ ।


ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଓ କୁଷ୍ଠରୋଗ ନିରାକରଣ ଦିବସ ଅବସରରେ ଶପଥପାଠ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ଶୁକ୍ରବାର, ଜାନୁୟାରୀ ୩୧ /୨୦୨୦, Dhenkanal, Friday, January 31 / 2020

## ସଂକ୍ଷେପରେ

### ମଦ୍ୟପ ଚାଳକ ଗିରଫ

ବଇଣ୍ଡା,୩୦।୧(ଡି.ଏନ.ଏ.)-ମଦ୍ୟପାନ କରି ଗାଡ଼ି ଚଳାଉଥିବା ଅଭିଯୋଗରେ ଠାକୁରଗଡ଼ ପୋଲିସ ଗୁରୁବାର ସାନହୁଲା ନିକଟସ୍ଥ ମିଣ୍ଡୋଳ ଗ୍ରାମର ମଧୁସୂଦନ ସାହୁଙ୍କୁ ଗିରଫ କରିଛି। ଠାକୁରଗଡ଼ ଆଇଆଇସି ଗବାକ୍ଷ ନାୟକ କହିଛନ୍ତି, ମଧୁସୂଦନ ମଦ୍ୟପାନ କରି ଏକ ଟାଟାଏସିଇ ନଂ.(ଓଡ଼ି୧୯ବି-୫୨୮୩)କୁ ଚଳାଉଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ଗାଡ଼ିକୁ ଜବତ କରିବାସହ ତାଙ୍କୁ ଗିରଫ କରିଥିଲା।

### ଏସ୍‌ୟୁସିଆଇର ସାଧାରଣ ସଭା

ଅନୁଗୋଳ ଅଫିସ୍, ୩୦।୧-ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) କେନ୍ଦ୍ରୀୟ କମିଟି ପକ୍ଷରୁ ଅନୁଗୋଳ ବସ୍‌ଷ୍ଟାଣ୍ଡ ଠାରେ ବୁଧବାର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଦଳର ରାଜ୍ୟ କମିଟି ସଭ୍ୟ ଜୟସେନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାଧାରଣ ସଭାରେ କେନ୍ଦ୍ରୀୟ କମିଟି ସଭ୍ୟ ତଥା ଓଡ଼ିଶା ରାଜ୍ୟ ସମ୍ପାଦକ ଧୂର୍ଜ୍ଜଟୀ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏଥିରେ କେନ୍ଦ୍ର ସରକାରଙ୍କ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି), ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଓ ଜାତୀୟ ଜନଗଣନାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଶକ୍ତିଶାଳୀ ଆନ୍ଦୋଳନ ସଙ୍ଗଠିତ କରିବାକୁ ସେ ଆହ୍ୱାନ ଦେଇଥିଲେ। ଦଳର ରାଜ୍ୟ କମିଟି ସଭ୍ୟ ବ୍ରଜବନ୍ଧୁ ସାହୁ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଅନୁଗୋଳ ଜିଲା କମିଟି ସମ୍ପାଦକ ଭିକାରୀ ପ୍ରଧାନ, ଜିଲା କମିଟି ସଭ୍ୟ ନବକିଶୋର ପ୍ରଧାନ, ପ୍ରହ୍ଲାଦ ଚନ୍ଦ୍ର ସାହୁ, ସୁବାସ ପ୍ରଧାନ, ସଞ୍ଜୟ ସାହୁ, ମାନସ ପାଳ, ତୀର୍ଥବାସୀ ଭୋଇ, ସରୋଜିନୀ ନାୟକ, ମନ୍ଦୋଦରୀ ରାଉଳ, ମାନସୀ ସ୍ୱାଇଁ, କୈଳାସ ସାହୁ, ରଣଜିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଶିଶୁକନ୍ୟାଙ୍କୁ ବଳାତ୍କାର ଅଭିଯୋଗ

ସଜନାଗଡ଼, ୩୦।୧(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳରେ ଚକୋଲେଟ୍ ପ୍ରଲୋଭନ ଦେଖାଇ ଜଣେ ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କରାଯାଇଛି। ଏନେଇ ଶିଶୁକନ୍ୟାଙ୍କ ବାପା ନୀଳଗିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ନୀଳଗିରି ଥାନାରେ ଏକ ପୋକ୍ସୋ ମାମଲା (ନଂ. ୩୮/୨୦) ରୁଜୁ କରି ଅଭିଯୁକ୍ତ ଯୁବକଙ୍କୁ ଅଟକ ରଖିଛି। ଯୁବକ ଜଣକ ଘରେ କେହି ନ ଥିବା ବେଳେ ଶିଶୁକନ୍ୟାଙ୍କୁ ଚକୋଲେଟ୍ ଦେବାର ବାହାନା କରି ବାଇକ୍‌ରେ ପାଖ ଜଙ୍ଗଲକୁ ନେଇ ସେଠାରେ ବଳାତ୍କାର କରିଥିଲେ।

# କୋଠ ଘର ନିର୍ମାଣ ଦାବି

**ବଇଣ୍ଡା,୩୦।୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ୧୩ ନଂ. ଜୋନର ଅପହଞ୍ଚ ଇଲାକାକୁ ବୁଧବାର ଆଠମଲ୍ଲିକ ବିଧାୟକ ରମେଶଚନ୍ଦ୍ର ସାଏ ଗସ୍ତ କରିଥିଲେ। ବିଧାୟକ ପ୍ରଥମେ ହଣ୍ଡପା ଓ କଣ୍ଟେଇକୁଲିଆ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କଣ୍ଟେଇକୁଲିଆ ପଞ୍ଚାୟତ ଖନ୍ଦାନାଳ ଗ୍ରାମରେ ନିର୍ମାଣ ହୋଇଥିବା ସଂକୀର୍ତ୍ତନ ଗୃହ ଓ ରାହାସଭାଡ଼ିକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ନୁନୁକାପଶି ସରପଞ୍ଚ ଜଳଧର ସାହୁ, କଣ୍ଟେଇକୁଲିଆ ସରପଞ୍ଚ କୁମୁଦିନୀ ପ୍ରଧାନ, ହଣ୍ଡପା ସରପଞ୍ଚ ଅମିୟ ପ୍ରଧାନ, ବିଜେଡି ନେତା କୁମୁଦଚନ୍ଦ୍ର ପ୍ରଧାନ, ଅର୍ଜ୍ଜୁନ ସାହୁ, ସନ୍ତୋଷ ପ୍ରଧାନ ଯୋଗ ଦେଇଥିଲେ। ପରେ ବାଲିଆମ୍ବ, କୁଣ୍ଡାଳୀ, ହିଞ୍ଜିରିଡ଼ା, ଚାରଖମଣ, ଖୋଲାରେଗେଡ଼ା, ରାଜନପାଳ ଗ୍ରାମ ଗୁଡ଼ିକକୁ ପରିଦର୍ଶନ



ସଂକୀର୍ତ୍ତନ ଗୃହ ଉଦ୍‌ଘାଟନ ସଭାରେ ବିଧାୟକଙ୍କ ସମେତ ଅନ୍ୟମାନେ।

କରି ଗ୍ରାମରେ ଲାଗି ରହିଥିବା ସମସ୍ୟା ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଖନ୍ଦାନାଳରେ ଏକ ଅଙ୍ଗନୱାଡ଼ି କେନ୍ଦ୍ର ସ୍ଥାପନ କରିବା ପାଇଁ ଗ୍ରାମବାସୀ ବିଧାୟକଙ୍କୁ ଦାବି କରିଥିଲେ। ସେହିପରି ସମସ୍ତ ଗ୍ରାମରେ କୋଠଘର ନିର୍ମାଣ କରିବା ସହ କୁଣ୍ଡାଳୀରୁ ହିଞ୍ଜିରିଡ଼ା ଗ୍ରାମକୁ ପକ୍କାରାସ୍ତା ନିର୍ମାଣ କରିବା ପାଇଁ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଖୁବଶୀଘ୍ର ଏସବୁ ସମସ୍ୟାର ସମାଧାନ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।

# କନକେଶ୍ୱରୀ ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା

**ପବିତ୍ରନଗର,୩୦।୧ (ଡି.ଏନ୍.ଏ.)**

କଣିହାଁ ବ୍ଲକ ବୁରୁକୁନା ପଞ୍ଚାୟତ ଶରଧାପୁରସ୍ଥିତ କନକେଶ୍ୱରୀ ସରକାରୀ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପୂର୍ବାହ୍ନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିବା ବେଳେ ଅପରାହ୍ନରେ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ପବିତ୍ରନଗର କଲେଜର ଅର୍ଥନୀତି ବିଭାଗ ପ୍ରାଧ୍ୟାପକ ନାରାୟଣ ରାଉତ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଲମ୍ବୋଦର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରସନ୍ନ ମହାନ୍ତି, ଗ୍ରାମ କମିଟି ସଭାପତି କୈଳାସ ମହାନ୍ତି, ଭିକାରୀ ଚରଣ ମହାନ୍ତି, ଦୁଃଖବନ୍ଧୁ ବେହେରା ପ୍ରମୁଖ ମଞ୍ଚାସୀନ ରହି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ। କ୍ରୀଡା ଶିକ୍ଷକ ହେମନ୍ତ କୁମାର ସାହୁ ବିବରଣୀ ପାଠ କରିଥିଲେ। ଶିକ୍ଷକ ସୁରେଶ ଚନ୍ଦ୍ର ମଞ୍ଚ ପରିଚାଳନା କରିଥିଲେ।

# ଆରଆଇଙ୍କୁ ଅଟକ ରଖିଲେ ଗ୍ରାମବାସୀ

## ସରକାରୀ କାଜୁ ବଗିଚାରେ ଜାଗା ଚିହ୍ନଟକୁ ବିରୋଧ

**କଣିହାଁ,୩୦।୧(ଡି.ଏନ.ଏ.)**

ଅନୁଗୋଳ ଜିଲା ବଡ଼ଗୁଣ୍ଡୁରୀ ରାଜସ୍ୱ ନିରୀକ୍ଷକ ଏକ ଟ୍ରଷ୍ଟ ପାଇଁ ବୁଧବାର ଜଗା ଚିହ୍ନଟ କରିବା ନିମନ୍ତେ ବାରିହାପୁର ଗ୍ରାମକୁ ଯାଇଥିବାବେଳେ ଗ୍ରାମବାସୀ ତାଙ୍କୁ ଅଟକ ରଖିଥିଲେ। ପରେ ପୋଲିସ ଓ ତହସିଲ ପ୍ରଶାସନ ପହଞ୍ଚି ବୁଝାଶୁଝା କରିବା ପରେ ଗ୍ରାମବାସୀ ଆର୍‌ଆଇଙ୍କୁ ଛାଡ଼ି ଦେଇଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଛେଣ୍ଡିପଦା ବ୍ଲକ ବାଗେଡିଆ ଗ୍ରାମର ଭଜମନ ବେହେରା ଲାଇଭ କେୟାର ଟ୍ରଷ୍ଟ ନାମକ ଏକ ଅନାଥଶ୍ରମ ପାଇଁ କଣିହାଁ ବ୍ଲକ ବଡ଼ଡ୍ରିବିଡା ପଞ୍ଚାୟତ ବାରିହାପୁର ଗ୍ରାମରେ ୧ ଏକର ସରକାରୀ ଜାଗା ଲିଜ୍ ପାଇଁ କଣିହାଁ ତହସିଲକୁ ଆବେଦନ କରିଥିଲେ। ଏ ନେଇ ବଡ଼ଗୁଣ୍ଡୁରୀ ରାଜସ୍ୱ ନିରୀକ୍ଷକ ଗୋପବନ୍ଧୁ ବେହେରା ବୁଧବାର ଅପରାହ୍ନରେ ବାରିହାପୁର ଗ୍ରାମକୁ ଜାଗା ଚିହ୍ନଟ ପାଇଁ ଯାଇଥିଲେ। ଗ୍ରାମବାସୀଙ୍କ ଜୀବିକା ନିର୍ବାହରେ ସହାୟକ ହେଉଥିବା ପୁରୁଣା କାଜୁ ବଗିଚାରେ ଟ୍ରଷ୍ଟ ପାଇଁ ଜାଗା ଚିହ୍ନଟ ହେଉଥିବା ଖବରପାଇ ଶତାଧିକ ମହିଳା ପୁରୁଷ ପହଞ୍ଚି ବିରୋଧ ସହ ଆରଆଇ ଓ ସହକର୍ମୀମାନଙ୍କୁ ଅଟକ ରଖିଥିଲେ। ଖବରପାଇ ତହସିଲଦାର ଅଂଶୁମାନ ଶତପଥୀ, କଣିହାଁ ଥାନା ଧିକାରୀ ପ୍ରଭାତ ତ୍ରିପାଠୀ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗ୍ରାମର ଇଞ୍ଚେ ସରକାରୀ ଜାଗା କାହାକୁ ମଧ ଛଡ଼ା ଯିବ ନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିବା ସହ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଓ ଜିଲାପାଳଙ୍କୁ ଜଣାଇଥିବା କହିଛନ୍ତି। ଏ ନେଇ କଣିହାଁ ତହସିଲଦାର କହିଛନ୍ତି, ଅନାଥଶ୍ରମ ପାଇଁ ସରକାରୀ ଜାଗା ଲିଜ୍‌ରେ ଦେବାକୁ ଚିହ୍ନଟ ପ୍ରକ୍ରିୟା ଚାଲିଥିବା ବେଳେ ଗ୍ରାମବାସୀ ବିରୋଧ କରି ଆରଆଇଙ୍କୁ ଅଟକ ରଖିଥିଲେ। ଅନାଥଶ୍ରମ ପାଇଁ ଏ ପର୍ଯ୍ୟନ୍ତ କୌଣସି ଜାଗା ପ୍ରଦାନ କରାଯାଇ ନାହିଁ। ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ଆଗାମୀ ପଦକ୍ଷେପ ନିଆଯିବ। କଣିହାଁ ଆଇଆଇଆସି ପ୍ରଭାତ ତ୍ରିପାଠୀ କହିଛନ୍ତି, ଖବରପାଇ ଯାଇଥିଲୁ। ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

# ସୃଜନଶୀଳ କରେ ପୁସ୍ତକ



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ତାଳଚେର, ୩୦।୧(ନି.ପ୍ର)**

ସ୍ଥାନୀୟ ହାଟତୋଟା ପ୍ରଜାମଣ୍ଡଳ ଭବନ ପରିସରରେ ଗୁରୁବାର ସନ୍ଧ୍ୟାରେ ୧୭ତମ ତାଳଚେର ପୁସ୍ତକ ମେଳା-୨୦୨୦ ଉଦ୍‌ଯାପିତ ହୋଇଯାଇଛି। ତାଳଚେର ଉପଜିଲାପାଳ ତଥା ପୁସ୍ତକ ମେଳା କମିଟି ସଭାପତି ପରେଶ ଚନ୍ଦ୍ର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ କମ୍ପ୍ୟୁଟର, ଇଣ୍ଟରନେଟ ଯୁଗରେ ବହିର ଚାହିଦା କମିବାରେ ଲାଗିଛି ବୋଲି ପ୍ରକାଶ କରିଥିଲେ। ହେଲେ ପୁସ୍ତକ ଭଳି ପ୍ରକୃତ ସାଥିର ଆବଶ୍ୟକତା ସମସ୍ତଙ୍କର ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ଯୋଗଦେଇ କ୍ରମାଗତ ଭାବେ ଦୀର୍ଘ ୧୭ବର୍ଷ ଧରି ଚାଲିଆସଥିବା ପୁସ୍ତକମେଳାର ଉତ୍ତୋରତର ଉନ୍ନତି କାମନା କରିଥିଲେ। ବହି ପଢିଲେ ସୃଜନଶୀଳତା ସୃଷ୍ଟି ହୋଇଥାଏ ବୋଲି ସେ କହିଥିଲେ। ପୁସ୍ତକ ମେଳା ବହି ସହିତ ଯୋଡି ଦେବାର ଏକ ମାଧ୍ୟମ ବୋଲି ସେ ପ୍ରକାଶ କରିଥିଲେ । ରଶ୍ମିରଞ୍ଜନ ମିଶ୍ର ଅତିଥି ପରିଚୟ, ଉପସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଯୁଗ୍ମ ସାଧାରଣ ସମ୍ପାଦକ ବିରଜାମିଶ୍ର ବିବରଣୀ ପାଠ କରିଥିଲେ। ଉପସଭାପତି ଦୀପକ କୁମାର ପ୍ରଧାନ ମଞ୍ଚ ପରିଚାଳନା,ଜ୍ୟୋତିରଞ୍ଜନ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ତାଳଚେର ପୁସ୍ତକମେଳା ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

# ଜରପଡାଠାରେ ଖୋଲିବ ଉପ ଡାକଘର

**ଛେଣ୍ଡିପଦା,୩୦।୧(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ଜରପଡାଠାରେ ନୂତନ ଭାବେ ଏକ ଉପଡାକଘର ଖୋଲାଯିବ। ଏ ସମ୍ପର୍କରେ ଡାକବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ଭାରତୀୟ ଡାକ ବିଭାଗର ପୋଷ୍ଟ ମାଷ୍ଟର ଜେନେରାଲ ସମ୍ବଲପୁର ରିଜିଅନ କାର୍ଯ୍ୟାଳୟ ଚିଠି ନଂ. ଇଏସଟି/୯-୦୭-୨୮/୨୦୧୯-୨୦ ତାରିଖ ୦୩।୦୧।୨୦୨୦ ଅନୁଯାୟୀ ଉପରୋକ୍ତ ଉପ ଡାକଘର ଖୋଲିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଉପ ଡାକଘର ଅଧୀନରେ ଜରପଡା, ଦୁର୍ଗାପୁର, କୋରଡ଼ା, ତୁକୁଡା, ପରା, ଓଗୀ, ଟାପଢୋଲ, ଦଣ୍ଡସିଙ୍ଗା, ଟାଇଁସି, କୋଠଭୂଇଁ, ବିମଳବେଡା, ଜରଡା ଆଦି ଗ୍ରାମ ଗୁଡିକରେ ଗ୍ରାମ୍ୟ ଡାକ ଘର କାର୍ଯ୍ୟ କରିବ। ଏହାସହିତ ଉପରୋକ୍ତ ଉପ ଡାକଘର ପିନ କୋଡ ନଂ. ୭୫୯୧୪୯ ବୋଲି ଉଲ୍ଲେଖ କରାଯିବ। ଏହି ଅଫିସ ଅଧୀନରେ ଜଣେ ସବ ପୋଷ୍ଟ ମାଷ୍ଟର, ଦୁଇ ଜଣ ଡାକ ସେବକ ନିଯୁକ୍ତ ହୋଇ କାର୍ଯ୍ୟ କରିବେ। ବିଭାଗ ପକ୍ଷରୁ ଖୁବଶୀଘ୍ର ନୂତନ ଅଫିସ ସ୍ୱତନ୍ତ୍ର ଭାବେ ଉଦ୍‌ଘାଟନ ହେବ। ବର୍ତ୍ତମାନ କିଶୋରଗଞ୍ଜ (ବଇଣ୍ଡା) ସବ୍ ପୋଷ୍ଟ ଅଫିସରେ କାର୍ଯ୍ୟରତ ସବ୍ ପୋଷ୍ଟ ମାଷ୍ଟର ଛବି ସାହୁଙ୍କ ପ୍ରଚେଷ୍ଟା ତଥା ପୋଷ୍ଟ ମାଷ୍ଟର ଜେନେରାଲ ସମ୍ବଲପୁର ରିଜିଅନ ଲଳିତେନ୍ଦୁ ପ୍ରଧାନଙ୍କ ସୁପାରିଶକ୍ରମେ ଉକ୍ତ ସବ୍ ପୋଷ୍ଟ ଅଫିସ ଅନୁମୋଦନ ଲାଭ କରିଥିବା ଯୋଗୁ ସ୍ଥାନୀୟ ଆଞ୍ଚଳିକ ବିକାଶ ପରିଷଦ ତଥା ଅଞ୍ଚଳବାସୀଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।ଏ ନେଇ କିଶୋରଗଞ୍ଜ ସବ୍ ପୋଷ୍ଟ ମାଷ୍ଟର ଛବି ସାହୁ କୁହନ୍ତି, ଉପରୋକ୍ତ ସବ୍‌ପୋଷ୍ଟ ଅଫିସକୁ ସମ୍ପୂର୍ଣ୍ଣ ଭାବେ ବିଭାଜନ କରାଯାଇଛି। ସମସ୍ତଙ୍କୁ ଉପଯୁକ୍ତ ଡାକସେବା ଯୋଗାଇବା ଲକ୍ଷ୍ୟ ରଖି ପଦକ୍ଷେପ ଗ୍ରହଣ କରାଯାଇଛି। ଖୁବଶୀଘ୍ର ଡାକ ବିଭାଗ ପକ୍ଷରୁ ନୂତନ ସବ ପୋଷ୍ଟ ଅଫିସ ଖୋଲାଯିବା ବୋଲି ମତପ୍ରକାଶ କରିଛନ୍ତି।




# ନୈତିକ ଶିକ୍ଷା ପ୍ରଦାନ ପାଇଁ ପରାମର୍ଶ

**ଢେଙ୍କାନାଳ ଅଫିସ,୩୦।୧**

ଢେଙ୍କାନାଳ କୁଞ୍ଜକାନ୍ତସ୍ଥିତ ସୁରପ୍ରତାପ ସ୍ମୃତିପୀଠ ଠାରେ ଥିବା ଚନ୍ଦ୍ରଶେଖର ଆଇଟିଆଇର ୧୩ତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର ଉମାକାନ୍ତ ରାଜ ଯୋଗଦେଇ ବୈଷୟିକ ଶିକ୍ଷାନୁଷ୍ଠାନଗୁଡିକ ନୈତିକ ଶିକ୍ଷା ପ୍ରଦାନ ଦିଗରେ ଯଥେଷ୍ଟ ଧ୍ୟାନ ଦେଲେ ଯୁବପିଢି ବିଶ୍ୱରେ ଭାରତର ଆଦର୍ଶକୁ ପ୍ରତିପାଦନ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସରକାରୀ ଆଇଟିଆଇ ଟ୍ରେନିଂ ଅଫିସର ଅରୁଣ କୁମାର ମହାରଣା ଯୋଗଦେଇ ସିଙ୍ଗାପୁରଠାରେ କାର୍ଯ୍ୟ କରୁଥିବା ଭାରତୀୟମାନେ ଦକ୍ଷତା ଓ




କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ଶିକ୍ଷା ପାଇଁ ସୁନାମ ଆଣିପାରିଥିବାରୁ ବୈଷୟିକ ଛାତ୍ରୀଛାତ୍ରମାନେ ସେମାନଙ୍କୁ ପ୍ରେରଣା ଭାବେ ଗ୍ରହଣ କରିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ସାମାଜିକ କର୍ମୀ ସୁକାନ୍ତ ମିଶ୍ର ବାର୍ଷିକ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟକ୍ଷା ସସ୍ମିତା ପରିଡା, ନରୋତ୍ତମ ସାହୁ, ସଂଘମିତ୍ରା ମିଶ୍ର ଓ କର୍ମଚାରୀମାନେ ପରିଚାଳନା କରିଥିଲେ।

# କୋଇଲା ଟ୍ରକ୍ ଧକ୍କାରେ ଜଣେ ମୃତ

**ଛେଣ୍ଡିପଦା,୩୦।୧(ସ୍ୱ.ପ୍ର.)**

ଅନୁଗୋଳ-ଛେଣ୍ଡିପଦା ରାଜ୍ୟ ରାଜପଥର ନିଶା ଶିଳ୍ପାଞ୍ଚଳ ଥାନା ଏୟାରପୋର୍ଟ ଛକଠାରେ ଗୁରୁବାର ସନ୍ଧ୍ୟାରେ ଏକ କୋଇଲା ବୋଝେଇ ଟ୍ରକ୍ ଧକ୍କାରେ ଜଣେ ସାଇକେଲ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନିଶା ଗ୍ରାମର ନୀଳମଣି ପୃଷ୍ଟି(୫୨)। ନୀଳମଣି ଝାଲ ମୁଢ଼ି ବିକ୍ରି କରି ସାଇକେଲରେ ଘରକୁ ଫେରୁଥିବାବେଳେ ଉକ୍ତ ଛକ ନିକଟରେ ଏକ କୋଇଲା ବୋଝେଇ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। କ୍ଷତିପୂରଣ ଦାବିରେ ଲୋକେ ରାସ୍ତା ଅବରୋଧ କରିଥିଲେ। ଖବରପାଇ ନିଶା ଥାନା ଅଧିକାରୀ ପ୍ରୀତିମଞ୍ଜରୀ ମେଣ୍ଡୁଲି ପହଞ୍ଚି ବୁଝାଶୁଝା ପାଇଁ ଉଦ୍ୟମ କରିଥିଲେ। ଖବରଲେଖା ହେବା ସୁଦ୍ଧା ରାସ୍ତା ଅବରୋଧ ହଟି ନ ଥିଲା।




# ଏଫ୍‌ଏସ୍‌ଟିପି ପରିଦର୍ଶନ କଲେ ଅନ୍ତର୍ଜାତୀୟ ଟିମ୍

**ଅନୁଗୋଳ ଅଫିସ୍, ୩୦।୧**

ଅନୁଗୋଳ ପୌରପାଳିକା ପକ୍ଷରୁ ପଞ୍ଚମହଲାରେ ନିର୍ମାଣ ହୋଇଥିବା ଫିକଲ ସ୍ଲଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଏଫ୍‌ଏସ୍‌ଟିପି) ପରିଦର୍ଶନ କରିଛନ୍ତି ଅନ୍ତର୍ଜାତୀୟ ଟିମ୍। ଏହି ଟିମ୍‌ରେ ଆସିଥିବା ୫ ଜଣିଆ ସଦସ୍ୟ ପ୍ରକଳ୍ପ ସ୍ଥାନ ପରିଦର୍ଶନ କରିବା ପରେ ପୌର ପ୍ରଶାସନ ଓ ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସେହିପରି ଏହାର ପରିଚାଳନା ନେଇ ପୌର ପ୍ରଶାସକ ତଥା ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ସହ ମଧ ଟିମ୍ ସଦସ୍ୟମାନେ ଆଲୋଚନା କରିଥିବା ଜଣାପଡ଼ିଛି। ଏହି ଟିମ୍‌ରେ ଆମେରିକାର ରାଡ୍ଡୁ ବ୍ୟାନ୍ ଓ ନେପାଳର



ପ୍ରକଳ୍ପସ୍ଥାନ ପରିଦର୍ଶନ କରୁଛନ୍ତି ଅନ୍ତର୍ଜାତୀୟ ଟିମ୍।

ଅଚ୍ୟୁତ୍ ଟ୍ୟୁଟେଲ୍‌ଙ୍କ ସହ ଓଡ଼ିଶା ନିର୍ମଳ ପ୍ରୋଜେକ୍ଟର ୩ ଜଣ ଅଧିକାରୀ ଉପସ୍ଥିତ ଥିଲେ। ପ୍ଲାଣ୍ଟ ନିର୍ମାଣ ହେବା ପରେ କିପରି କାର୍ଯ୍ୟ କରୁଛି ତାହାର ଅନୁଧ୍ୟାନ କରିବାକୁ ପଞ୍ଚମହଲାସ୍ଥିତ ପ୍ଲାଣ୍ଟ ଅଞ୍ଚଳକୁ ଟିମ୍ ସଦସ୍ୟମାନେ ଯାଇଥିବାବେଳେ ସେଠାରେ କିପରି ଲୋକମାନଙ୍କୁ କାର୍ଯ୍ୟରେ ନିୟୋଜିତ କରାଯିବ ସେ ନେଇ ଆଲୋଚନା କରିଥିଲେ। ଏହି ପ୍ରକଳ୍ପ ଏବେ ଟ୍ରାଏଲ ବେସ୍‌ରେ କାର୍ଯ୍ୟକାରୀ କରାଯାଉଥିବା ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ପ୍ଲାଣ୍ଟରେ ଲୋକବଳ ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ସଚେତନ, ଅବଗତ ହେବା ପାଇଁ ଏହି ଟିମ୍ ପରିଦର୍ଶନ କରିବାକୁ ଆସିଥିବା ନିର୍ବାହୀ ଅଧିକାରୀ କହିଛନ୍ତି। ଅନ୍ତର୍ଜାତୀୟ ସ୍ତରରୁ ଏହି ପ୍ରକଳ୍ପ ନିର୍ମାଣ କରିବାକୁ ପ୍ରୋଜେକ୍ଟ ନିର୍ମଳକୁ ୨ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଏହା ଶେଷ ହେବା ପରେ ପ୍ରକଳ୍ପ କିପରି ନିର୍ମାଣ ହୋଇଛି, ରଖାଯାଇଥିବା ମାନଦଣ୍ଡ ପୂରଣ ହୋଇଛି କି ନାହିଁ, ସେ ନେଇ ଅର୍ଥ ପ୍ରଦାନ କରିଥିବା ଟିମ୍ ପରିଦର୍ଶନରେ ଆସିଥିବା ସୂଚନା ମିଳିଛି।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ